## ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ଅଭିଭାବକଙ୍କ ଗଣଧାରଣା

ଖଇରା, ୩୦।୧(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ସିମୁଳିଆସ୍ଥିତ ମା’ ଅମ୍ବିକା ରେକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ୩ବର୍ଷ ଧରି ବିଦ୍ୟାଳୟରେ କାର୍ଯ୍ୟ କରିଆସୁଛନ୍ତି । ହେଲେ ରହିବା ଦିନଠାରୁ ପିଲା ଓ ଅଭିଭାବକମାନଙ୍କୁ ଦୁର୍ବ୍ୟବହାର କରିବା ପ୍ରତିବାଦରେ ଶୁକ୍ରବାର ଅଭିଭାବକ ମାନେ ବିଦ୍ୟାଳୟ ଗେଟରେ ତାଲା ଦେଇ ଗଣଧାରଣାରେ ବସିବା ସହ ପ୍ରଧାନଶିକ୍ଷକଙ୍କ ବଦଳି ଦାବି କରିଥିଲେ । ସିଆରସିସି ଦାମୋଦର ମହାନ୍ତି ଧାରଣାସ୍ଥଳକୁ ଯାଇ ଅଭିଭାବକମାନଙ୍କ ସହ ଆଲୋଚନା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏଥିସହ ବିଦ୍ୟାଳୟରେ ଦୁର୍ନୀତି ଚାଲିଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏନେଇ ପ୍ରଧାନ ଶିକ୍ଷକ ଅଜୟ କୁମାର ସେନାପତିଙ୍କୁ ପଚରାଯିବାରୁ ଏଭଳି ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି।

# ଯୁବ ସୃଜନଶୀଳତା ଉପରେ ଗୁରୁତ୍ୱ




ପ୍ରତିଯୋଗୀମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

### ଏଫ୍‌ଏମ୍‌ୟୁରେ ’ଉତ୍ସାହ ୨୦୨୬’ର ଚତୁର୍ଥ ଦିବସ

ବାଲେଶ୍ୱର, ୩୦।୧(ବାଞ୍ଛାନିଧି ଦେ)

ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, ନୂଆଦିଲ୍ଲୀ ସହଯୋଗକ୍ରମେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୩୯ତମ ଆନ୍ତଃବିଶ୍ୱବିଦ୍ୟାଳୟ ପୂର୍ବ ଭାରତୀୟ ଯୁବ ମହୋତ୍ସବ ‘ଉତ୍ସାହ ୨୦୨୬’ ଶୁକ୍ରବାର ଚତୁର୍ଥ ଦିବସରେ ପଦାର୍ପଣ କରିଛି। ଓଡ଼ିଶା, ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟର ୨୦ଟି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଆନ୍ତଃବିଶ୍ୱବିଦ୍ୟାଳୟ ସାଂସ୍କୃତିକ ସାମଞ୍ଜସ୍ୟ ଓ କଳାତ୍ମକ ପ୍ରତିଭାର ଅନନ୍ୟ ପ୍ରଦର୍ଶନ କରିଥିଲେ। ଚତୁର୍ଥ ଦିନରେ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ( ଏକକ), କୁଇଜ ପ୍ରତିଯୋଗିତା, କ୍ଲେ ମଡେଲିଂ, ମାଇମ, ମିମିକ୍ରି, ଗୋଷ୍ଠୀ ପାଶ୍ଚାତ୍ୟ ଗୀତ, ରଙ୍ଗୋଲି ଓ ଲୋକ/ଆଦିବାସୀ ନୃତ୍ୟ ସହିତ ବିଭିନ୍ନ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆମନ୍ତ୍ରିତ ବିଶିଷ୍ଟ ଅତିଥି, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପଦାଧିକାରୀଗଣ ଓ ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ ସମ୍ମାନରେ ଏକ ସାଦର ସ୍ନେହଭୋଜିର ଆୟୋଜନ କରିଥିଲେ। ପ୍ରସିଦ୍ଧ ଡି.ଜେ ଜନଙ୍କ ଦ୍ୱାରା ଆୟୋଜିତ ଉକ୍ତ ଉର୍ଜାପୂର୍ଣ୍ଣ ଡିଜେ ନାଇଟ୍‌କୁ ଛାତ୍ରୀଛାତ୍ରମାନେ ଉପଭୋଗ କରିଥିଲେ। ‘ଉତ୍ସାହ ୨୦୨୬’ ସାଂସ୍କୃତିକ ସମ୍ପର୍କକୁ ଦୃଢ଼ କରିବା, ଯୁବ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ଓ ‘ବିବିଧତାରେ ଏକତା’ର ମୂଲ୍ୟବୋଧକୁ ସୁଦୃଢ଼ କରୁଥିବା ଦୃଷ୍ଟାନ୍ତ ସ୍ଥାପନ କରୁଛି। କାର୍ଯ୍ୟକ୍ରମର ଆବାହକ ପ୍ରଫେସର ନିହାର ରଞ୍ଜନ ରାଉତ ଓ ଆୟୋଜକ ସଚିବ ଡକ୍ଟର ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ୮ମ ଶ୍ରେଣୀ ଛାତ୍ରଙ୍କ ବ୍ୟାଗ୍‌ରୁ ମିଳିଲା ବନ୍ଧୁକ

ରେମୁଣା, ୩୦।୧(ରବୀନ୍ଦ୍ର ମହାକୁଡ଼)

■୪ଘଣ୍ଟା ଧରି ପୋଲିସ ଅଟକ

■ଗ୍ରାମରେ ଉତ୍ତେଜନା, ଛାତ୍ରଙ୍କୁ ବିଦ୍ୟାଳୟରୁ ବହିଷ୍କାର ଦାବି

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଶ୍ରୀଜଙ୍ଗ ଦାସମହାପାତ୍ର ବାଞ୍ଛାନିଧି ଉଚ୍ଚ ବିଦ୍ୟାଳୟରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ବ୍ୟାଗରୁ ଏକ ବନ୍ଧୁକ ମିଳିଛି। ଏହି ଘଟଣାକୁ ନେଇ ଅଭିଭାବକ ଓ ଗ୍ରାମବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଛି। ଜବତ ବନ୍ଧୁକ ଯାଞ୍ଚ କରିବା ସହ ଛାତ୍ରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ସମ୍ପୃକ୍ତ ଛାତ୍ର ଓ ପୋଲିସକୁ ଲୋକେ ଅଟକ ରଖିଥିଲେ। ପୋଲିସ ବୁଝାଶୁଝା କରି ଛାତ୍ରଙ୍କୁ ଉଦ୍ଧାର ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୪୧ /୨୦୨୬) ରୁଜୁ ହୋଇଛି।

ଏହି ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଏସଏମସି ସଦସ୍ୟାଙ୍କ ପୁଅ ଗୁରୁବାର ବିଦ୍ୟାଳୟ ଆରମ୍ଭରୁ ବ୍ୟାଗରେ ବନ୍ଧୁକ ଧରି ଆସିଥିବା ଅନ୍ୟଛାତ୍ରମାନେ ଜାଣିବାକୁ ପାଇଥିଲେ। ଖେଳ ଛୁଟି ପରେ ଶିକ୍ଷକଙ୍କ ସନ୍ଦେହରେ ବ୍ୟାଗ ଦେଖିବାରୁ ଏକ ମେଟାଲ ବନ୍ଧୁକ ମିଳିଥିଲା। ଘଟଣାକୁ ନେଇ ଶିକ୍ଷକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇବା ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀସଙ୍ଗୀତା ଜେନା ସେଠାରେ ପହଞ୍ଚି ଛାତ୍ରଙ୍କ ନିକଟରୁ ବନ୍ଧୁକ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ସରପଞ୍ଚ କବିତା ସେଠୀ ଏସଏମସି କମିଟିକୁ ଖବର ଦେଇଥିଲେ। ତୁରନ୍ତ ଏକ ବୈଠକ ଡକାଯାଇ ଆଲୋଚନା ପରେ ପୋଲିସକୁ ଖବର ଦିଆଯାଇଥିଲା। ଖନ୍ତାପଡ଼ା ଥାନା ଏଏସ୍‌ଆଇ ଉଦୟନାରାୟଣ ଭକ୍ତା ବିଦ୍ୟାଳୟରେ ପହଞ୍ଚି ବନ୍ଧୁକ ଜବତ କରିବା ସହ ଛାତ୍ରକୁ ଥାନାକୁ ନେବା ସମୟରେ ଉପସ୍ଥିତ ଅଭିଭାବକ ଓ ଗ୍ରାମବାସୀଙ୍କ ବିରୋଧର ଶିକାର ହୋଇଥିଲେ। ବନ୍ଧୁକ ଯାଞ୍ଚ କରିବା ସହ ଛାତ୍ରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଲୋକେ ପୋଲିସକୁ ଦୀର୍ଘ ସମୟ ବିଦ୍ୟାଳୟରେ ଅଟକ ରଖିଥିଲେ। ଏହାପରେ ଥାନା ଏସ୍‌ଆଇ ବିକ୍ରମ ମହାପାତ୍ର ଓ ଟିମ୍ ବିଦ୍ୟାଳୟରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ଆଲୋଚନା ପରେ ଛାତ୍ର ଜଣଙ୍କୁ ପୋଲିସ ଉଦ୍ଧାର କରି ଅଭିଭାବକଙ୍କୁ ହସ୍ତାନ୍ତର କରିଥିଲା । ବନ୍ଧୁକକୁ ଉଦ୍ଧାର କରି ଥାନାକୁ ନିଆଯାଇଛି। ତେବେ ଏହା ପ୍ରକୃତ ବନ୍ଧୁକ କି ନକଲି ବନ୍ଧୁକ ତାହା ଯାଞ୍ଚ ପରେ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।

## ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ରସାଲପୁର, ୩୦।୧(ଶରତ ସାମଲ)

ବାଲେଶ୍ୱର ସଦର ବ୍ଲକ ଅଧୀନ ବାଙ୍ଗରାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୀତକାଳୀନ ୭ ଦିନିଆ ଏନ୍‌ଏସ୍‌ଏସ୍ ଶିବିର ପୋଷ୍ୟ ଗ୍ରାମ ବାଙ୍ଗରାରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ରିସୋର୍ସ ବ୍ୟକ୍ତି ଭାବେ ଏନ୍‌ଏସ୍‌ଏସ୍‌ର ରାଜ୍ୟସ୍ତରୀୟ ସଂଯୋଜକ ବିଶ୍ୱମୋହନ ଜେନା, ଗୌରାଙ୍ଗ ପଣ୍ଡା, ବ୍ଲଡ ବ୍ୟାଙ୍କ ଅଧିକାରୀ, ଆନନ୍ଦମାର୍ଗର ଭାସ୍କର ଚନ୍ଦ୍ର ଜେନା, ଗଣେଶ ତିଆଡ଼ି, ଯୋଗଗୁରୁ ଚିତ୍ତରଞ୍ଜନ ସାହୁ, ବିପର୍ଯ୍ୟୟ ପରିଚାଳନା ଅଧିକାରୀ ବବୁଲ ମହାନ୍ତି, ସୁଲଗ୍ନା ସ୍କୁଲର ମଧୁସ୍ମିତା ଦାସ, ଯୁକ୍ତ ୩ର କାର୍ଯ୍ୟକାରୀ ଅଧିକାରିଣୀ ଲେଖାରାଣୀ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ କଲେଜ ପରିସରରେ ସଫେଇ, ବୃକ୍ଷରୋପଣ, ପୋଷ୍ୟ ଗ୍ରାମରେ ସଫେଇ, ସଡ଼କ ସୁରକ୍ଷା, ପ୍ରାଥମିକ ଚିକିତ୍ସା ବିପର୍ଯ୍ୟୟ ପରିଚାଳନା, ଯୋଗ, ପ୍ରାଣାୟାମ, ଜୀବନର ମୂଲ୍ୟବୋଧ, ଯୌତୁକ ସଚେତନତା, ସ୍ୱଚ୍ଛ ଭାରତ ଅଭିଯାନ, ରକ୍ତଦାନ ଆଦି ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ମହିଳା ଓ ପୁରୁଷ ବିଭାଗର କାର୍ଯ୍ୟକାରିଣୀ ଅଧିକାରୀ ରାଜେଶ ମହାପାତ୍ର ଏବଂ ଜ୍ୟୋତ୍ସ୍ନାରାଣୀ ସିଂହ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକଙ୍କ ସମେତ ସମସ୍ତ କର୍ମଚାରୀ ସହାୟତା କରିଥିଲେ। କଲେଜର ଅଧ୍ୟକ୍ଷ ଶଶୀଭୂଷଣ କର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଭାରେ ସଭାପତିତ୍ୱ କରିଥିଲେ। ପରେ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ତଟସୁରକ୍ଷା ବାର୍ତ୍ତା ନେଇ କୋଲକାତାରୁ କେରଳ ସାଇକେଲ ଯାତ୍ରା



ସାଇକେଲ ଯାତ୍ରାରେ ବାହାରିଥିବା ସିଆଇଏସ୍‌ଏଫ୍ ଯବାନ।

ବାଲିଆପାଳ, ୩୦।୧(ଗୋପାଳ ଚନ୍ଦ୍ର ସାହୁ)

ବନ୍ଦେ ମାତରଂ ସଙ୍ଗୀତକୁ ୧୫୦ବର୍ଷ ପୂର୍ତ୍ତି ଓ ତଟ ସୁରକ୍ଷାର ବାର୍ତ୍ତା ନେଇ କୋଲକାତାରୁ କେରଳ ପର୍ଯ୍ୟନ୍ତ ସିଆଇଏସ୍‌ଏଫ ଯବାନଙ୍କ ପକ୍ଷରୁ ଚାଲିଥିବା ସାଇକେଲ ଯାତ୍ରାକୁ ଶୁକ୍ରବାର ବାଲିଆପାଳ ବ୍ଲକ ପରିସରରେ ବାଲିଆପାଳ ଥାନା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସିଆଇଏସ୍‌ଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡର ସିଦ୍ଧାନ୍ତ ଗୋସ୍ୱାମୀଙ୍କ ନେତୃତ୍ୱରେ ସିଆଇଏସ୍‌ଏଫ୍‌ର ୬୫ଜଣ ମହିଳା ଓ ପୁରୁଷ ଯବାନ ଗତ ୨୮ତାରିଖରୁ କୋଲକାତା ପାଖାଲିଠାରୁ ସାଇକେଲ ଯାତ୍ରାରେ ବାହାରି ଫେବ୍ରୁଆରୀ ୨୨ତାରିଖରେ କେରଳର କୋଚିନଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ବୋଲି ଆସିଷ୍ଟାଣ୍ଟ କମାଣ୍ଡର ଗୋସ୍ୱାମୀ କହିଛନ୍ତି। ଗୋସ୍ୱାମୀ କହିଛନ୍ତି ଯେ, ବନ୍ଦେ ମାତରମ ସଙ୍ଗୀତ କେବଳ ଏକ ସଙ୍ଗୀତ ନ ଥିଲା ବରଂ ବିପ୍ଳବର ଆହ୍ୱାନ ଥିଲା। ଏହା ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କୁ ଶକ୍ତି ଯୋଗାଉଥିଲା, ଯାହାକି ସ୍ୱାଧୀନତା ଆନ୍ଦୋଳନର ମୂଳମନ୍ତ୍ର ଥିଲା। ସେହି ସଙ୍ଗୀତକୁ ୧୫୦ବର୍ଷ ପୂରିଛି। କେନ୍ଦ୍ର ସରକାରଙ୍କ ଆହ୍ୱାନ ଏହି ସଙ୍ଗୀତକୁ ପ୍ରତି ଭାରତୀୟଙ୍କ ପାଖରେ ପହଞ୍ଚାଇବା ସହିତ ରାଜ୍ୟ ଓ ଦେଶ ମଧ୍ୟରେ ତଟସୁରକ୍ଷା ପାଇଁ ବାର୍ତ୍ତା ଦେବା ଏହି ସାଇକେଲ ଯାତ୍ରାର ମୂଳ ଲକ୍ଷ୍ୟ ରହିଛି। ଏହି ସାଇକେଲ ଅଭିଯାତ୍ରୀ ଯବାନମାନଙ୍କୁ ବାଲିଆପାଳ ବ୍ଲକ ପରିସରରେ ବାଲିଆପାଳ ଥାନା ପକ୍ଷରୁ ଏଏସ୍‌ଆଇ ପ୍ରେମ ପ୍ରତାପ ବାହିନୀପତିଙ୍କ ସହିତ ଏକ ପୋଲିସ ଟିମ୍ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସାଇକେଲ ଅଭିଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବାଲିଆପାଳ ଥାନ ସୀମା ରେମୁଣା ପର୍ଯ୍ୟନ୍ତ ବାଲିଆପାଳ ପୋଲିସ ଟିମ୍ ଯାଇ ବିଦାୟୀ ସମ୍ମାନ ଜ୍ଞାପନ କରିଫେରିଥିଲେ।

## ‘କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ’

ବାହାନଗା, ୩୦।୧(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଷଠୀ ଗ୍ରାମର ଥିବା ହରେକୃଷ୍ଣ ସରକାରୀ ଉ.ପ୍ରା. ବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଇଓ ସୋମରାଣୀ ସେଠୀ, ମୁଖ୍ୟବକ୍ତା ବୃନ୍ଦାବନ ଘଡେଇ, ସମ୍ମାନିତ ଅତିଥି ୧୯ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ବିନପ୍ରଭା ଶିଅଳ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ପୁରସ୍କାର ବିତରଣ ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଲକ୍ଷ୍ମୀକାନ୍ତ ଜେନା। ସଭାରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏବିଇଓ ରୋହିଆ ଟୁଡୁ, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ବାସୁଦେବପୁର ବ୍ଲକର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହି ଯନ୍ତ୍ରୀ କୁଞ୍ଜ ନାରାୟଣ ଜେନା, ବାହାନଗା ସରପଞ୍ଚ ବ୍ରଜେନ୍ଦ୍ର କୁମାର ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏବିଇଓ ପଦ୍ମଲୋଚନ ଦାସ, ପରିଚାଳନା କମିଟି ସଭାପତି ଜୀବନ କୁମାର ଦାଶ, ସିଆରସିସି ତୁଳସୀ ମଳିକ ଯୋଗ ଦେଇ ଜୀବନରେ ଏକାଧାରରେ ପରିଶ୍ରମ କରିଚାଲିଲେ ନିଶ୍ଚିତ ମୁଖ୍ୟ ସୋପାନରେ ପହଞ୍ଚିପାରିବ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଗୀତାଞ୍ଜଳି ଜେନା ପରେ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିଲା।




ହରେକୃଷ୍ଣ ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ସୃଜନଶୀଳତା ପାଇଁ ଅଧ୍ୟୟନ, ଅଧ୍ୟବସାୟ ଜରୁରୀ



ମୁଖପତ୍ର ସୁପ୍ରୀତିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

### ଖଇରା ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଖଇରା, ୩୦।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲାର ଖଇରା ମହାବିଦ୍ୟାଳୟର ୪୬ତମ ବାର୍ଷିକୋତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବିଶିଷ୍ଟ ଲେଖକ, କଥାକାର ଡ ବିଶ୍ୱରଞ୍ଜନ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବର୍ତ୍ତମାନ ସମାଜରେ ଲେଖକ, ସାମ୍ବାଦିକ, କବିଙ୍କ ସଂଖ୍ୟା ବଢି ବଢି ଚାଲିଛି। ଯେଉଁଥିପାଇଁ ସୋମନଙ୍କୁ ଉଚିତ ସମ୍ମାନ ମିଳୁନାହିଁ। ଏଣୁ ସୃଜନଶୀଳତା ପାଇଁ ଅଧ୍ୟୟନ ଓ ଅଧ୍ୟବସାୟ ଏକାନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ। ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି, ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂସଦର ଉପଦେଷ୍ଟା ଜ୍ୟୋତ୍ସ୍ନାରାଣୀ ପଣ୍ଡା ଅତିଥି ପରିଚୟ, ଅନ୍ୟତମ ଉପଦେଷ୍ଟା ବନମାଳୀ ବାରିକ ବିବରଣୀ ପାଠ ଓ ସହ ଉପଦେଷ୍ଟା ଡ ହରପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ମୁଖପତ୍ର ସୁପ୍ରୀତି ଉନ୍ମୋଚନ ପରେ ବିଭିନ୍ନ ବର୍ଗରେ ଚାମ୍ପିୟନ ଆଶିଷ ନାୟକ, ନିରୂପମା ବିଶ୍ୱାଳ, ରାଜେନ୍ଦ୍ର ଶଙ୍ଖୁଆ, ତପସ୍ୱିନୀ ରାଉତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ‘ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭାର ବିକାଶ ହୁଏ’




କୃତୀ ପ୍ରତିଯୋଗୀଙ୍କ ଗହଣରେ ଅତିଥିଗଣ।

### କିଶୋରୀ, କିଶୋରଙ୍କ ପ୍ରତିଭା ଚୟନ କାର୍ଯ୍ୟକ୍ରମ

ବାଲେଶ୍ୱର, ୩୦।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଗୁରୁବାର କିଶୋରୀ ଓ କିଶୋରଙ୍କର ଏକ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମ୍ୟୁନିସିପାଲିଟି ଆଇସିଡିଏସ୍ ତରଫରୁ ଆୟୋଜିତ ଏହି ପ୍ରତିଯୋଗିତାରେ ସଙ୍ଗୀତ, ଚିତ୍ରାଙ୍କନ, ସାମାଜିକ ଗଣମାଧ୍ୟମରେ ରିଲସ୍ ତିଆରି, ଆତ୍ମନିର୍ଭର ହେବା ପାଇଁ କୌଶଳ, ଶାରୀରିକ ଅଭିବୃଦ୍ଧି ଖେଳ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପନଗରପାଳ କୈଳାଶ ସେଠୀ, ଜିଲା ସମାଜମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ପ୍ରକଳ୍ପ ଅଧିକାରିଣୀ ସୁବର୍ଣ୍ଣମଣି ବେହେରା, ସିଡିପିଓ ପ୍ରଭାବତୀ ନନ୍ଦ, ଉବାଚକ ମହାନ୍ତି, ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭାର ବିକାଶ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକରେ ବିଧାୟକଙ୍କ ସମୀକ୍ଷା

ବସ୍ତା, ୩୦।୧(ହରିଶଙ୍କର ପାଢ଼ୀ)

ବସ୍ତା ବ୍ଲକ ସଭାଗୃହରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ହୋଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ଓ ସମୀକ୍ଷା ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳୀ ଦାସ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ବସ୍ତା ବିଡିଓ ମିହିର ରଞ୍ଜନ ବେହେରା, ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ବସ୍ତା ବ୍ଲକ ଉପାଧ୍ୟକ୍ଷ ଦିଲୀପ କୁମାର ଦାସମହାପାତ୍ର ଓ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଯୋଗାଣ, ଜଳସେଚନ, ପାନୀୟ ଜଳଯୋଗାଣ ଓ ପରିଚ୍ଛନ୍ନ, ବିଦ୍ୟୁତ, ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ, ଶିଶୁ ବିକାଶ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ବିକାଶ ନିମନ୍ତେ ଖସଡ଼ା ପ୍ରସ୍ତୁତ ହୋଇଥିବା ଜଣାଯାଇଛି।

## ‘ଶିକ୍ଷାର୍ଥୀ ଶିକ୍ଷା ଅନୁଷ୍ଠାନର ପରିଚୟ’

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ

ସିମୁଳିଆ, ୩୦।୧(ସନ୍ତୋଷ ନାୟକ)



ଛାତ୍ରୀମାନଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ ଦିଲୀପ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ ବାଲିଖଣ୍ଡ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ଶିକ୍ଷାର୍ଥୀମାନେ ଶିକ୍ଷା ଅନୁଷ୍ଠାନର ପରିଚୟ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଡିଓ ସୁନୀଲ କୁମାର ଟୁଡୁ, ଜିଲା ପରିଷଦ ରମେଶ ଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ଧରଣୀଧର ନାୟକ, ପଞ୍ଚାୟତ ସମିତିସଭ୍ୟ ଗଜେନ୍ଦ୍ର ସେଠୀ, ସିଆରସିସି ରବୀନ୍ଦ୍ର କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଜିଲା ପରିଷଦ ଓ ସମିତି ସଭ୍ୟଙ୍କ ଅନୁଦାନରେ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସାଇକେଲ ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଚଳିତବର୍ଷର ଶ୍ରେଷ୍ଠ ଛାତ୍ର ରୂପେ ସାଇଶୁଭମ ତ୍ରିପାଠୀଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ୩୩ଜଣଙ୍କୁ ସମ୍ମାନିତ କରାଯାଇଥିଲା। ନାଟ୍ୟକାର ଶିବ ପ୍ରସାଦ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନଙ୍କ ଦାରା ’ସେ ଡଷ୍ଟବିନର ଝିଅ’ ନାଟକ ମଞ୍ଚସ୍ଥ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ଦାରା ବିଭିନ୍ନ ୩୭ଟି ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅରୁଣ କୁମାର ବାରିକ ମଞ୍ଚ ସଞ୍ଚାଳନା ଓ ରାଜଦୀପ ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ମାତୃଭୂମି, ମାତୃଭାଷାକୁ ସମ୍ମାନ ଦେବା ଆମ କର୍ତ୍ତବ୍ୟ’

### ଗଳ୍ପପୁସ୍ତକ ‘ମହାଭାବ’ ଓ ‘ସାଗରିକା’ର ନୂଆବର୍ଷ ସଂଖ୍ୟା ଉନ୍ମୋଚିତ

ବାଲେଶ୍ୱର, ୩୦।୧(ବାଞ୍ଛାନିଧି ଦେ)



ଅତିଥିମାନେ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ବାଲେଶ୍ୱର ସହରସ୍ଥିତ ହୋଟେଲ ଫାଣ୍ଟାସି ସମ୍ମିଳନୀ କକ୍ଷରେ ବିଶିଷ୍ଟ ଗାଳ୍ପିକା ସୈରିନ୍ଧ୍ରୀ ସାହୁଙ୍କ ସପ୍ତମ ଗଳ୍ପ ପୁସ୍ତକ ‘ମହାଭାବ’ ଓ ‘ସାଗରିକା’ର ନୂଆବର୍ଷ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ସଂଯୋଜିକା ମିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉନ୍ମୋଚନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ସଭାପତିତ୍ୱ କରି ସାହିତ୍ୟ ସର୍ବଦା କାଳଜୟୀ ବୋଲି ବକ୍ତବ୍ୟରେ କହିଥିଲେ। ‘ସାଗରିକା’ ଓ ‘ଧ୍ୱନି ପ୍ରତିଧ୍ୱନି’ ପତ୍ରିକାର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସମ୍ପାଦିକା ତଥା ଗାଳ୍ପିକା ସୈରିନ୍ଧ୍ରୀ ସାହୁ ନିଜ ଗଳ୍ପ ପୁସ୍ତକ ‘ମହାଭାବ’ ଓ ‘ସାଗରିକା’ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ. ଶ୍ରୀକାନ୍ତ ଚରଣ ପାତ୍ର ସାହିତ୍ୟ ସାଧନା କ୍ଷେତ୍ରରେ ଲେଖିକାଙ୍କ ମାର୍ଗଦର୍ଶନ ଏକ ମାଇଲଖୁଣ୍ଟ ବୋଲି କହିଥିଲେ। ମୌସୁମୀ ପତ୍ରିକାର ସମ୍ପାଦକ ଡ. ଶ୍ରୀଧର ସାମଲ ଜନ୍ମଦାତ୍ରୀ ମା’, ମାତୃଭୂମି ଓ ମାତୃଭାଷାକୁ ସମ୍ମାନ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ବରିଷ୍ଠ ଖବରଦାତା କୁଳମଣି ବାରିକ ‘ଓଡ଼ିଆ ଭାଷା ସଙ୍କଟକୁ ଦୂରୀଭୂତ କରିବାକୁ ହେଲେ ଓଡ଼ିଆ ପତ୍ରିକା କିଣି ପଢିବାର ଅଭ୍ୟାସ କରିବା ସହ ସତ୍ୟକୁ ନିର୍ଭୀକ ଭାବେ ପ୍ରକାଶ କରିବା ଦରକାର’ ବୋଲି କହିଥିଲେ। ପରାଗ ପତ୍ରିକାର ସମ୍ପାଦକ ବନମାଳୀ ସେନାପତି, ସୁବର୍ଣ୍ଣଶ୍ରୀ ପ୍ରକାଶନୀର ପ୍ରକାଶକ କବି ଡ. କାଳୀପଦ ପଣ୍ଡା ଗଳ୍ପ ପୁସ୍ତକ ‘ମହାଭାବ’ ଉପରେ ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିଲେ। ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଲେଖିକା, ଲେଖକ, ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ତାଲିମ ପ୍ରଦାନକୁ ନେଇ ତେଜୁଛି ଅସନ୍ତୋଷ

ବାରିପଦା,୩୦।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟରେ ଜାତୀୟ ଶିକ୍ଷାନୀତି ପ୍ରଚଳନକୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ମାତ୍ର ବିଭାଗୀୟ ନିର୍ଦ୍ଦେଶକୁ ଅଣଦେଖା କରାଯାଉଥିବାରୁ ମୟୂରଭଞ୍ଜ ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଅର୍ଥର ଅପବ୍ୟବହାର ହେବା ସହ ଯୋଜନାର ସଫଳ ରୂପାୟନକୁ ନେଇ ଆଶଙ୍କା ଦେଖାଦେଇଛି।

ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି –୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ପାଠ୍ୟ ପୁସ୍ତକ ପରିବର୍ତ୍ତନ କରି ଆଗାମୀ ୨୦୨୬–୨୭ ଶିକ୍ଷା ବର୍ଷରୁ ନୂତନ ଭାବେ ୭୫ଟି ନୂତନ ପାଠ୍ୟ ପୁସ୍ତକ ପ୍ରଚଳନ ହେବାକୁ ଯାଉଛି। ଏଥିପାଇଁ ଗତ କିଛି ମାସ ତଳେ ଓସେପା ତରଫରୁ ସମଗ୍ର ରାଜ୍ୟର କେତେଜଣ ଶିକ୍ଷକ ତଥା ଡିଆଇଇଟି ଶିକ୍ଷକ ପ୍ରଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା। ଏହି ତାଲିମପ୍ରାପ୍ତ ଶିକ୍ଷକମାନେ ଅନ୍ୟ ସମସ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କୁ ତାଲିମ ଦେଇ ସଶକ୍ତ କରିବେ ବୋଲି ସରକାରଙ୍କ ଯୋଜନା ରହିଛି। ତେବେ ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

ମୟୂରଭଞ୍ଜ ଭଳି ବୃହତ ଜିଲାରେ ଏନେଇ ଗତ ଡିସେମ୍ବର ମାସରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତି ବ୍ଲକ୍‌ରୁ ୩ଜଣ ଲେଖାଏ ଶିକ୍ଷକଙ୍କ ନାମ ରାଜ୍ୟକୁ ପଠାଯାଇ ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନ କରାଯାଇଥିଲା। ଗତ ୧୬ତାରିଖ ଭର୍ଚ୍ଚୁଆଲ ବୈଠକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମସ୍ତ ୩୦ଟି ଜିଲାର ମାଷ୍ଟର ଟ୍ରେନର ଓ ଜିଲାଶିକ୍ଷାଧିକାରୀଙ୍କ ସହ ତାଲିମ କାର୍ଯ୍ୟର ସଫଳ ରୂପାୟନ ନେଇ ଆଲୋଚନା କରିଥିଲେ। ଆବଶ୍ୟକ ଅନୁସାରେ ମାଷ୍ଟର ଟ୍ରେନର ବା ମାଷ୍ଟର ରିସୋର୍ସ ପର୍ସନ(ଏମ୍‌ଆରପି) ସଂଖ୍ୟା ବୃଦ୍ଧି କରାଯାଇ ତାଲିମ କାର୍ଯ୍ୟ ସୁରୁଖୁରୁରେ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ନେଇ ଜିଲା ଶିକ୍ଷାଧିକାରୀ ପ୍ରଥମ ଚିଠି ନଂ. ୨୯୧/ପିଡିଜି/୨୫/ ୨୦।୧। ୨୦୨୬ରେ ୧୦୦ ଜଣ ଶିକ୍ଷକଙ୍କୁ ୩ଜଣ ମାଷ୍ଟର ଟ୍ରେନର ତାଲିମ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବାର୍ତ୍ତା ତଥା ଟ୍ରେନିଂ ସଫଳତା ଲାଗି ଓସେପା ନିଜ ଚିଠି ନଂ. ୭୮୩/ଟିଇ/୨୬/୨୧ ଜାନୁଆରୀ ୨୦୨୬ ଅନୁସାରେ ପ୍ରତି ୫୦ଜଣ ଶିକ୍ଷକଙ୍କୁ ୪ଜଣ ଏମ୍‌ଆର୍‌ପି ତାଲିମ ଦେବା ନିମନ୍ତେ ପ୍ରତ୍ୟେକ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଆଶ୍ଚର୍ଯ୍ୟର କଥା ରାଜ୍ୟର ଏ ଚିଠିକୁ ତିଳେ ମାତ୍ରେ ଭୃକ୍ଷେପ ନ କରି ପୁଣି ୨୨ ଜାନୁଆରୀ ୨୦୨୬ରେ ଜିଲା ଶିକ୍ଷାଧିକାରୀଙ୍କ ଚିଠି ନଂ. ୩୧୪/ପିଡିଜି/୨୫ ବଳରେ ପୂର୍ବବତ ୧୦୦ ଶିକ୍ଷକଙ୍କୁ ୩ଜଣ ଏମ୍‌ଆର୍‌ପିଙ୍କ ଦ୍ୱାରା ତାଲିମ ପ୍ରଦାନ ନିମନ୍ତେ ସମସ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କେଉଁ ବ୍ଲକ୍‌ର ଏମ୍‌ଆର୍‌ପି କେଉଁ ବ୍ଲକ୍‌ରେ ତାଲିମ ପ୍ରଦାନ କରିବେ ତାହାର କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଯାଇ ନାହିଁ। ତେବେ ଗୋଟିଏ କୋଠରିରେ ଏତେ ସଂଖ୍ୟକ ଶିକ୍ଷକ ବସି କିପରି ତାଲିମ ଗ୍ରହଣ କରିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ସଦର ବ୍ଲକ୍ ବାରିପଦାର ବିଇଓ ୨୭ତାରିଖରୁ ତାଲିମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ହୋଇପାରି ନାହିଁ । ଏନେଇ ବିଇଓଙ୍କୁ ପଚାରିବାରୁ ସେ ବୁଝି କହୁଛନ୍ତି ବୋଲି ପ୍ରତିକ୍ରିୟା ଦେଇଛନ୍ତି। ତେବେ ଶିକ୍ଷା କ୍ଷେତ୍ରରେ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଓ ଦାୟିତ୍ୱହୀନତା ପାଇଁ ଉତ୍ତମ ଶିକ୍ଷାଦାନରେ ଆଶଙ୍କା ଦେଖାଦେଇଛି । ସମଗ୍ର ଜିଲାରେ ଏହାକୁ ନେଇ ଅସନ୍ତୋଷ ଜାରି ରହିଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବ୍ୟବସ୍ଥାକୁ ସୁଧାରିବା ପାଇଁ ଶିକ୍ଷକ ମହଲରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମତାମତ ମିଳି ପାରିନାହିଁ।

# ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା



ନୀରବ ପ୍ରାର୍ଥନା କରାଯାଉଛି।

ବାରିପଦା,୩୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଶହୀଦ ଦିବସ ପାଳିତ ହୋଇଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ତଥା ଭାରତର ସ୍ୱାଧୀନତା ପାଇଁ ଯେଉଁ ମହାମନୀଷୀ ଗଣ ପ୍ରାଣବଳି ଦେଇଥିଲେ ସେମାନଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରିପ୍ରେକ୍ଷୀରେ ପ୍ରତି ବର୍ଷ ଜାନୁଆରୀ ୩୦ ତାରିଖକୁ ଶହୀଦ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ନୀରବ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ଦେଶ ପାଇଁ ପ୍ରାଣବଳି ଦେଇ ଶହୀଦ ହୋଇଥିବା ମହାମନୀଷୀ ବୀର ମହାପୁରୁଷମାନଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବାରିପଦା ତହସିଲଦାର ସପନ କୁମାର ସାହୁଙ୍କ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗର ଡେପୁଟି କଲେକ୍ଟର, ସହକାରୀ ଜିଲାପାଳ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ନୀରବ ପ୍ରାର୍ଥନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହକାରୀ ଲଳିତ ରଞ୍ଜନ ନାଏକ ଓ କର୍ମଚାରୀ ଲିଜତ୍ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

# ୭୫ ୟୁନିଟ୍ ରକ୍ତ ସଂଗ୍ରହ

ବାରିପଦା,୩୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ

ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା, ଜିଲା ଏନ୍‌ଏସ୍‌ଏସ୍ ବ୍ୟୁରୋ କାର୍ଯ୍ୟକ୍ରମ ଅଧିକାରୀ ଡ.ବସନ୍ତ କୁମାର ମହାନ୍ତ, ଏନ୍‌ଏସ୍‌ଏସ୍ ଜିଲା ନୋଡାଲ ଅଫିସର ଡ.ଅନାମ ଚରଣ ରାଉଳ, ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରିୟବ୍ରତ ବେହେରା, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ.ଆଲବର୍ଟିନା ତିର୍କୀ, ଇତିହାସ ବିଭାଗ ମୁଖ୍ୟ ରାଇମଣି ମାରାଣ୍ଡି ପ୍ରମୁଖ ଅତିଥିଙ୍କ ଦ୍ୱାରା ଶିବିର ଉଦଘିତ ହୋଇଥିଲା। ସର୍ବପ୍ରଥମେ ମୟୂରଭଞ୍ଜ ଜିଲା ଜାତୀୟ ସେବା ଯୋଜନାର ନୋଡାଲ ଅଫିସର ଡ. ଅନାମ ଚରଣ ରାଉଳ ରକ୍ତଦାନ କରିଥିଲେ। ପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ଅଧ୍ୟାପିକା,ଅଧ୍ୟାପକମାନେ ରକ୍ତଦାନ କରିଥିଲେ। ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ ରିଙ୍କୁ ଦାସ, ଆଦର୍ଶ କୁମାର ରାଉତ, ମୋନାଲ ମହାନ୍ତ, ପର୍ଶୁରାମ ଦାସ, କୁମାର କାହ୍ନା ମହାନ୍ତ, ପ୍ରିୟଦର୍ଶିନୀ, ଭାଗ୍ୟଲକ୍ଷ୍ମୀ, ଜବା, ଅଞ୍ଜଳି, ପବିତ୍ର, ରୂପାଲି, ଶୁଭଶ୍ରୀ, ଅନୁପମା, ବର୍ଷା, ଭବେଶ, ନିକିତା ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉପଖଣ୍ଡସ୍ତରୀୟ ଶହୀଦ ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଉଦଳା,୩୦।୧(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡସ୍ତରୀୟ ଶହୀଦ ଦିବସ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମରେ ଦେଶମାତୃକା ପାଇଁ ପ୍ରାଣବଳି ଦେଇଥିବା ଶହୀଦମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗାନ୍ଧିଜୀଙ୍କ ଅହିଂସା ଏବଂ ସତ୍ୟାନୁସରଣ ମାର୍ଗରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଡେପୁଟି କଲେକ୍ଟର ପରାମର୍ଶ ଦେଇଥିଲେ।

ଅନ୍ୟତମ ଡେପୁଟି କଲେକ୍ଟର ଅଙ୍କିତା ହାଁସଦା, ସହକାରୀ ଜିଲାପାଳ ପ୍ରବୀଣ ମାଝୀ, ତପନ ବାରିକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଲିପିପୁଷ୍ପା ଦାସ, ସହକାରୀ ଯୋଗଣ ଅଧିକାରୀ ଶରତ ବେହେରା, ସେକ୍ସନ ଅଫିସର ଶାଙ୍ଗାଇ ହେମ୍ବ୍ରମ, ରମେଶ ପୃଷ୍ଟି, କର୍ମଚାରୀ କବିତା ଖିଲାର, ସତ୍ୟପ୍ରକାଶ ପାତ୍ର, ରାଉତରାୟ ମୁର୍ମୁ, ଗୌତମ ପ୍ରଧାନ, ଶ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ନୀରବ ପ୍ରାର୍ଥନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# 'ଶିକ୍ଷା ସହିତ ସଂସ୍କାର ଗୁରୁତ୍ୱପୂର୍ଣ୍ଣ'

ଠାକୁରମୁଣ୍ଡା,୩୦।୧
(ତାରାକାନ୍ତ ପଟ୍ଟନାୟକ)

## ଦିଗଧର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ଦିଗଧରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଜିଲା ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାୟକ ଯୋଗଦେଇ ଶିକ୍ଷା ଅମୂଲ୍ୟ ସମ୍ପଦ, ତାହାକୁ କେହି କେବେ ଛଡ଼େଇ ନେଇପାରିବେ ନାହିଁ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ କାଦଡିହା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭାଗବତ ଲେଙ୍କା ଯୋଗଦେଇ ଶିକ୍ଷା ସହିତ ସଂସ୍କାର ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବିଡିଓ, ବିଇଓ କୁଞ୍ଜବିହାରୀ ପ୍ରଧାନ, ଅନ୍ୟତମ ସମ୍ମାନିତ ଅତିଥି ଜୟପ୍ରକାଶ ନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦର୍ଶନ ରାଉତ ଯୋଗ ଦେଇଥିଲେ। ଅଧ୍ୟକ୍ଷ ହିମାଂଶୁ ସନ୍ଧିବିଗ୍ରହ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୀମତୀ ଦାଶ ଓ ଉଦୟ ମାଝୀ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଆଶିଷ ପାଣିଗ୍ରାହୀ ମାନପତ୍ର ପାଠ କରିଥିଲେ। ଶିକ୍ଷକ ମାନଗୋବିନ୍ଦ ତରାଇ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଉଦଳା ମେଡିକାଲରେ ୨ ନୂଆ କ୍ୟାବିନ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଉଦଳା,୩୦।୧(ସନ୍ତୋଷ କୁମାର ବାଛିନୀ)

ଉଦଳା ମେଡିକାଲ ପରିସରରେ ଶୁକ୍ରବାର ଦୁଇଟି ନୂଆ ଶୀତତାପ ନିୟନ୍ତ୍ରିତ କ୍ୟାବିନ ଉଦ୍‌ଘାଟିତ ହୋଇଛି। ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉପାଧ୍ୟକ୍ଷା ଲିଲି ଭୋଳ, ଶିଶୁ ରୋଗ ବିଶେଷଜ୍ଞ ଲକ୍ଷ୍ମୀକାନ୍ତ ପତି, ସମସ୍ତ କାଉନସିଲ ପ୍ରମୁଖ ଉପସ୍ଥିତ ରହି ଫିତାକାଟି ଏହି କ୍ୟାବିନକୁ ଉଦ୍‌ଘାଟନ କରିଥିଲେ। ମା' ଶାନ୍ତିଲତା ବିଶ୍ୱାଳ ଏବଂ ବାପା ମାଗୁଣି ଚରଣ ବିଶ୍ୱାଳଙ୍କ ଶ୍ରାଦ୍ଧ ଦିବସରେ ସ୍ମୃତିରକ୍ଷା ଲାଗି ମାନସ ରଞ୍ଜନ ବିଶ୍ୱାଳ ମେଡିକାଲ ପରିସରରେ ଏହି ଦୁଇ କ୍ୟାବିନ ନିର୍ମାଣ କରି ଡାକ୍ତରଖାନାକୁ ଉତ୍ସର୍ଗ କରିଛନ୍ତି। ମେଡିକାଲରେ ଦୁଇଟି କ୍ୟାବିନ ବଢ଼ିବାରୁ ରୋଗୀ ଉପକୃତ ହେବେ ବୋଲି ବିଶ୍ୱାଳ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱର୍ଗତ ଶାନ୍ତିଲତା ବିଶ୍ୱାଳଙ୍କ ବଡ଼ ଝିଅ ଡା. ରଞ୍ଜିତା ବିଶ୍ୱାଳ, ହୃଦୟ ରଞ୍ଜନ ବିଶ୍ୱାଳ,ମାନସ ରଞ୍ଜନ ବିଶ୍ୱାଳ ଏବଂ ରୁଦ୍ର ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଷିକ କ୍ରୀଡ଼ା, ଭଲିବଲ ଟୁର୍ନାମେଣ୍ଟ

ଝାରପୋଖରିଆ,୩୦।୧(ସୁଧୀର କୁମାର ମହାନ୍ତ)

## ମା' ଅନ୍ଧାରୀ ସ୍ପୋର୍ଟିଂ କ୍ଲବ୍

ସାରସକଣା ବ୍ଲକ୍ ରଜାଲୋକା ପଞ୍ଚାୟତ ଶରଗଡ଼ା ଗ୍ରାମସ୍ଥିତ ମା' ଅନ୍ଧାରୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ମକର ପର୍ବ ଉପଲକ୍ଷେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ କ୍ଲବର ସଭାପତି ଶିବ ପ୍ରସାଦ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଭଲିବଲ ଟୁର୍ନାମେଣ୍ଟରେ ଶରଗଡା, ହାଟବାଦଡା, କେସିଏସସି, କେନ୍ଦୁଆ, ବଇଁଚା, ଚନ୍ଦନପୁର, ଶରପଙ୍ଗା, ପାନ୍ଧଡ଼ା ପ୍ରଭୃତି ମୋଟ ୮ଟି ଦଳ ଅଂଶଗ୍ରହଣ କରି ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ପ୍ରଥମ ଦିନର ଖେଳରେ କେସିଏସସି ଦଳକୁ ହରାଇ କେନ୍ଦୁଆ ବିଜୟୀ ହୋଇଥିଲା। ସେହିପରି ବଇଁଚା ଦଳକୁ ହରାଇ ଶରଗଡା ବିଜୟୀ ହୋଇଥିଲା। ରେଫରିଭାବେ ଭବାନୀ ମହାନ୍ତ ଓ ହିମାଂଶୁ ଦାସ ଖେଳ ପରିଚାଳନା କରିଥିବାବେଳେ ଦୀନବନ୍ଧୁ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଛୋଟ ପିଲା,ବୃଦ୍ଧା, ମହିଳା ଓ ଯୁବଗୋଷ୍ଠୀଙ୍କୁ ନେଇ କ୍ଲବ ପକ୍ଷରୁ ମୋଟ ୩୦ଟି ବିଭାଗରେ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ଦୌଡ, କୁମ୍ଭୀର ଦୌଡ, ମିଉଜିକ ଚେୟାର, ହାଣ୍ଡି ଫଟା, ବେଲୁନ ଫୁଟା, ରାମ୍ପ ଚଲା, ଚିତ୍ରାଙ୍କନ, କୁଇଜ, ଶଙ୍ଖ ଫୁଙ୍କା, ବସ୍ତା ଦୌଡ, ସ୍କିପିଂ, ଡାନ୍ସ, ସଙ୍ଗୀତ ପ୍ରଭୃତିରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳ ଗୁଡ଼ିକୁ ପଦ୍ମଲୋଚନ ମହାନ୍ତ, ଅଶୋକ ପାତ୍ର, ରବି ପାତ୍ର, କ୍ରିଷ୍ଣା ନାଏକ, ପ୍ରେମଚାନ୍ଦ ନାଏକ, ମହେଶ୍ୱର ବିନ୍ଧାଣି, ଧ୍ରୁବଦଳ ନାଏକ ପ୍ରମୁଖ ପରିଚାଳନା କରିଥିଲେ। କ୍ଲବ୍‌ର ସମ୍ପାଦକ ସମୀର କୁମାର ନାଏକଙ୍କ ଦାରା ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ରଜାଲୋକା ସରପଞ୍ଚ ରବିକାନ୍ତ ସିଂ ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥି ଭାବେ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଚିନ୍ମୟ କୁମାର ସାହୁ, ଅଧ୍ୟାପକ ନିହାର ରଞ୍ଜନ ମହାନ୍ତ ପ୍ରମୁଖ ଯୋଗଦେଇ କୃତୀ କ୍ରୀଡାବିତ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଓଡ଼ିଶା ଦଳରେ ୨ ଭାଇ ଲବ, କୁଶ

ବାରିପଦା,୩୦।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଜାତୀୟ ସର୍ବକନିଷ୍ଠ ଖୋ ଖୋ ପ୍ରତିଯୋଗିତା



ଦୁଇ ଭାଇ ଲବ ଓ କୁଶ।

କୁରୁକ୍ଷେତ୍ର ହରିୟାଣାଠାରେ ଅନୁଷ୍ଠିତ ହେବାକୁ ଥିବା ୩୫ ତମ ସର୍ବ କନିଷ୍ଠ ଜାତୀୟ ଖୋ ଖୋ ପ୍ରତିଯୋଗିତାରେ ଓଡ଼ିଶା ଦଳରେ କୁଲିଅଣା ବ୍ଲକ ଅନ୍ତର୍ଗତ ଚାଲୁଣିଆ ଗ୍ରାମ ନିବାସୀ ରାମଚନ୍ଦ୍ର ମୁର୍ମୁ ଓ ରାଇମଣୀ ମୁର୍ମୁଙ୍କ ଦୁଇ ପୁତ୍ର ଲବ ଓ କୁଶ ସ୍ଥାନ ପାଇ ବିଦ୍ୟାଳୟ, ଅଞ୍ଚଳ ତଥା ଜିଲା ପାଇଁ ଗୌରବ ଆଣିଛନ୍ତି । ଜଗତସିଂହପୁରଠାରେ ଅନୁଷ୍ଠିତ ୧୭ ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଦୁହେଁ ଓଡିଶା ଦଳରେ ସ୍ଥାନ ପାଇଛନ୍ତି। ଉଭୟ ମୁର୍ଗାବାଡିସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢୁଛନ୍ତି। ଖବରପାଇ ପରିବାର, ଗ୍ରାମବାସୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ଜାତୀୟସ୍ତରରେ ସଫଳତା କାମନା କରିଛନ୍ତି।

# 'ଗାନ୍ଧିଜୀଙ୍କ ବିଚାର ଆଜି ମଧ୍ୟ ପ୍ରାସଙ୍ଗିକ'

ବୈଶିଙ୍ଗା, ୩୦।୧ (ରତନ ଦାଶ)

## କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଶ୍ରୀସତ୍ୟସାଇ ଉଚ୍ଚ ବିଦ୍ୟାଳୟରେ ଶହୀଦ ଦିବସ ପାଳନ

ବୈଶିଙ୍ଗା ଥାନା ଅଧୀନ ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଖୁଣ୍ଟାପୁରସ୍ଥିତ ଶ୍ରୀସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ନେତୃତ୍ୱରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଜାତିର ପିତା ମହାତ୍ମା ଗାନ୍ଧିଙ୍କ ନିଧନ ଦିବସକୁ ସମଗ୍ର ଦେଶ ଶହୀଦ ଦିବସ ରୂପେ ପାଳନ କରିଥାଏ। ପ୍ରାରମ୍ଭରେ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିଲା। ଉଭୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରମାନେ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଓ ସାମ୍ପ୍ରଦାୟିକତାର କୁପରିଣାମ ସମ୍ପର୍କରେ ଆଲୋଚନା କରିଥିଲେ। ଉଗ୍ର ଜାତୀୟତାବାଦରେ ଜର୍ଜରିତ ସାମ୍ପ୍ରତିକ ବିଶ୍ୱରେ ଗାନ୍ଧିଜୀଙ୍କ ବିଚାର ଆଜି ମଧ୍ୟ ପ୍ରାସଙ୍ଗିକ ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ। ସୁନ୍ଦର ବକ୍ତବ୍ୟ ରଖିଥିବା ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ତୁଷାରକାନ୍ତ ପାତ୍ର, ଜ୍ୟୋତ୍ସ୍ନାରାଣୀ ଜେନା, ପ୍ରଭାତୀ ପ୍ରଧାନ, ରାଜନନ୍ଦିନୀ ପାତ୍ର, ମୁକୁନ୍ଦ ସେନାପତି, ତୃପ୍ତା ଦାସ, ସ୍ନିଗ୍ଧା ଲେଙ୍କା, ଶୁଭସ୍ମିତା ସାମନ୍ତରାୟ, ସବିତା ବାରିକ, ଶୁଭଲକ୍ଷ୍ମୀ ମାଝୀ, ରାଧୁ ସିଂ ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଚକ୍ଷୁ ଚିକିତ୍ସା ଶିବିର

ରାଇରଙ୍ଗପୁର,୩୦।୧(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୋରୁମହିଷାଣୀସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଘନଶ୍ୟାମ ମିଶ୍ର ଟ୍ରାଇବାଲ ୱେଲଫେୟାର ଟ୍ରଷ୍ଟ ଏବଂ କରଞ୍ଜିଆସ୍ଥିତ ଭୂମିକା ଚକ୍ଷୁ ଚିକିତ୍ସାଳୟର ସହଯୋଗରେ ମେଗ ଚକ୍ଷୁ ପରୀକ୍ଷା ଏବଂ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା, ଗୋରୁମହିଷାଣୀ ଲୌହ ଖଣି ଡାଇରେକ୍ଟର ବିନୋଦ କୁମାର ମିଶ୍ର ଏବଂ ଭୂମିକା ଚକ୍ଷୁ ଚିକିତ୍ସା ହସ୍ପିଟାଲ ରାଜ୍ୟ ପରିଚାଳକ କର୍ଣ୍ଣାଟ କେଶରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ରୋଗୀମାନଙ୍କୁ ମାଗଣା ଚଷମା ଏବଂ ଔଷଧ ବଣ୍ଟନ କରାଯାଇଥିଲା। ୪୯ ଜଣ ଚକ୍ଷୁ ରୋଗୀଙ୍କ ଅପରେସନ ସକାଶେ କରଞ୍ଜିଆସ୍ଥିତ ଭୂମିକା ଚକ୍ଷୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୋରୁମହିଷାଣୀ ଲୌହଖଣି ମ୍ୟାନେଜର ବିକାଶ ରଞ୍ଜନ ନାଏକ,ସୋମନାଥ ଅଗ୍ରୱାଲଙ୍କ ସମେତ ବିଭିନ୍ନ ପଦାଧିକାରୀ କର୍ମଚାରୀ, ଶ୍ରମିକ ନେତା ସୁରେଇ ସୋରେନ ଏବଂ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମଙ୍କ ସମେତ ବିଭିନ୍ନ ପଞ୍ଚାୟତମ୍‌ର ଜନ ପ୍ରତିନିଧିମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଶକ୍ତି ପ୍ରଦର୍ଶନ କଲା ମୋରଡ଼ା ଯୁବ କଂଗ୍ରେସ



ଶୋଭାଯାତ୍ରାରେ ସାମିଲ କଂଗ୍ରେସ ନେତା ଓ କର୍ମୀ।

ମୋରଡ଼ା,୩୦।୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଯୁବ କଂଗ୍ରେସ ଚିତ୍ରଡ଼ାଠାରେ ହଜାର ହଜାର ସମର୍ଥକଙ୍କ ଗହଣରେ ଶକ୍ତି ପ୍ରଦର୍ଶନ କରିଛି ମୋରଡା ଯୁବ କଂଗ୍ରେସ। ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ମୋରଡ଼ା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ପାରିଆଉଡ଼ାରୁ ଆରମ୍ଭ ହୋଇ ବିଭିନ୍ନ ନାରା ଦେଇ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ପରେ ସେଠାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ବାଲେଶ୍ୱର ଓ ପୁରୀ ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ କୁମାର ଦାସ, ଆଲୋକ ଦାସ ଯୋଗ ଦେଇଥିଲେ। ଶିଳ୍ପ ଶୂନ୍ୟ ଜିଲା, ଦାଦନ ଦୁଃଖ, ମୋରଡ଼ାରେ ହାତୀ ସମସ୍ୟା, ବିଜୁଳି ବିଲ୍ ଛାଡ଼, ଭତ୍ତା ଟଙ୍କା ବୃଦ୍ଧି, ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାର ନାମ ପରିବର୍ତ୍ତନ ନ କରିବା, ପଲ୍ୟୁସନ ସାର୍ଟିଫିକେଟ ନାମରେ ଲୋକଙ୍କୁ ଶୋଷଣ ଆଦି ସମସ୍ୟା ଉପସ୍ଥାପନା କରାଯାଇଥିଲା। ଭାଜପା ସରକାର ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଛି ଯାହାର ଜବାବ ଲୋକେ ଦେବେ ବୋଲି କହି ଟାର୍ଗେଟ କରିଥିଲା କଂଗ୍ରେସ। ଏହିଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମୋରଡା ବିଡିଓ ଅଣାକର ନାଏକଙ୍କୁ ପ୍ରଦାନ କରାଯାଇଥିଲା।

